# India-Kazakhstan Foreign Office Consultations

November 17, 2020

## ଭାରତ ଏବଂ କାଜାଖସ୍ତାନ ମଧ୍ୟରେ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ

**ନଭେମ୍ବର** 17, 2020

ଭାରତ ଏବଂ କାଜାଖସ୍ତାନ ମଧ୍ୟରେ ସପ୍ତମ ପର୍ଯ୍ୟାୟ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବିଚାର ବିମର୍ଷ (ଏଫଅସି) ଏକ ଭିଡିଓ ସମ୍ମିଳନୀ ଜରିଆରେ 17 ନଭେମ୍ବର 2020 ରେ ଅନୁଷ୍ଠିତ ହୋଇଥିଲା। ଭାରତୀୟ ଦଳର ନେତୃତ୍ୱ ସଚିବ (ପଶ୍ଚିମ) ଶ୍ରୀ ବିକାଶ ସ୍ୱରୂପ କରିଥିବାବେଳେ କାଜାଖସ୍ତାନ ଦଳର ନେତୃତ୍ୱ କାଜାଖସ୍ତାନର ପ୍ରଥମ ବୈଦେଶିକ ବ୍ୟାପାର ଉପମନ୍ତ୍ରୀ ମାନ୍ୟବର ଶ୍ରୀ ଶାଖରତ ନୁରିଶେଭ କରିଥିଲେ।

ଏହି ବିଚାର ବିମର୍ଷ ସମୟରେ ଉଭୟ ପକ୍ଷ ସେମାନଙ୍କର ରଣନୀତିକ ଭାଗିଦାରୀ ଢାଞ୍ଚାରେ ଦ୍ୱିପାକ୍ଷିକ ସହଯୋଗର ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ। ରାଜନୈତିକ, ଅର୍ଥନୈତିକ ଏବଂ ବାଣିଜ୍ୟିକ, ଶକ୍ତି, ପ୍ରତିରକ୍ଷା, ମହାକାଶ, ଦୂତାବାସ ଏବଂ ସାଂସ୍କୃତିକ ବିଷୟଗୁଡ଼ିକ ଆଲୋଚନା ପରିସରଭୁକ୍ତ ହୋଇଥିଲା। କୋଭିଡ-19 ମହାମାରୀର ମୁକାବିଲା ପ୍ରସଙ୍ଗରେ ସେମାନେ ମତ ଏବଂ ନିଜର ଅଭିଜ୍ଞତା ଆଦାନ ପ୍ରଦାନ କରିଥିଲେ।

ପାରସ୍ପରିକ ସ୍ୱାର୍ଥର ଆଞ୍ଚଳିକ ତଥା ଆନ୍ତର୍ଜାତୀୟ ପ୍ରସଙ୍ଗରେ ମଧ୍ୟ ଉଭୟ ପକ୍ଷ ମତ ବିନିମୟ କରିଥିଲେ ଏବଂ 2021-22 ଅବଧି ପାଇଁ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଆଗାମୀ କାର୍ଯ୍ୟକାଳ ସମେତ ବହୁପକ୍ଷୀୟ ମଞ୍ଚରେ ସହଯୋଗ ବୃଦ୍ଧି କରିବାକୁ ସହମତ ହୋଇଥିଲେ।

ସମ୍ପ୍ରତି ଭାରତ-ମଧ୍ୟ ଏସିଆ ଆଲୋଚନା ସମୟରେ ହୋଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଘୋଷଣା ଅନୁସାରେ ଉଭୟ ପକ୍ଷ ମଧ୍ୟରେ "କାଜାଖସ୍ତାନରେ ଉଚ୍ଚ ପ୍ରଭାବଶାଳୀ ଗୋଷ୍ଠୀ ବିକାଶ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଭାରତୀୟ ଅନୁଦାନ ସହାୟତା" ଉପରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏକ ବନ୍ଧୁତ୍ୱପୂର୍ଣ୍ଣ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶରେ ଏହି ଆଲୋଚନା ଅନୁଷ୍ଠିତ ହୋଇଥିଲା। ପରବର୍ତ୍ତୀ ବିଚାର ବିମର୍ଷ ପାରସ୍ପରିକ ସୁବିଧାଜନକ ଦିନରେ ଆୟୋଜନ କରିବାକୁ ଉଭୟ ପକ୍ଷ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ନଭେମ୍ବର** 17, 2020

DISCLAIMER: This is an approximate translation. The original is available in English on MEA's website and may be referred to as the official press release.